## ସଂକ୍ଷେପରେ

### ଦୀପାବଳିରେ ୧.୨୫ ଲକ୍ଷ କୋଟିର କାରବାର

**ନୂଆଦିଲ୍ଲୀ, ୫।୧୧:** ଚଳିତ ବର୍ଷ ଦୀପାବଳିରେ କାରବାର ରେକର୍ଡ ସ୍ତର ଛୁଇଁଛି। ଲୋକମାନଙ୍କର କ୍ରୟ ଉନ୍ନତ ସ୍ଥିତିରେ ରହିବା ଯୋଗୁ ଦେଶ ମଧ୍ୟରେ କାରବାର ୧.୨୫ ଲକ୍ଷ କୋଟି ଟଙ୍କା ରହିଥିବା ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପକ୍ଷରୁ ଶୁକ୍ରବାର ସୂଚନା ରହିଛି। କାରବାର ଗତ ୧୦ ବର୍ଷ ମଧ୍ୟରେ ରେକର୍ଡ ବୋଲି ଜଣାପଡିଛି। ଗତ ୨ ବର୍ଷ ହେବ କରୋନା ମହାମାରୀ ଯୋଗୁ ବଜାରରେ ମାନ୍ଦାବସ୍ଥା ଲାଗି ରହିଥିଲା। ମାତ୍ର ଚଳିତ ବର୍ଷ ଲୋକମାନେ କିଣାକିଣି କରିଛନ୍ତି। ଏହି ଧାରାକୁ ଦେଖିଲେ ବଜାର ବର୍ତ୍ତମାନ ସୁଧାର ସ୍ଥିତିକୁ ଫେରିଥିବା ସଂଘ ପକ୍ଷରୁ କୁହାଯାଇଛି। ଏଭଳି ଧାରା ଲାଗି ରହିଲେ ଦେଶର ବାଣିଜ୍ୟିକ ଗୋଷ୍ଠୀ ପାଇଁ ଶୁଭମୟ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି। ଦୀପାବଳି କାରବାରରୁ ଉତ୍ସାହିତ ହୋଇ ବ୍ୟବସାୟୀମାନେ ବର୍ତ୍ତମାନ ପାର୍ବଣ ସମୟ କାରବାର ଲାଗି ସଜବାଜ ହେଉଛନ୍ତି ବୋଲି ସିଏଆଇଟିର ଜାତୀୟ ସଭାପତି ବି.ସି.ଭାରତୀୟା କହିଛନ୍ତି। ନୂଆଦିଲ୍ଲୀରେ କେବଳ ୨୫ ହଜାର କୋଟି ଟଙ୍କାର କାରବାର ହୋଇଥିବା ଜଣାପଡିଛି। ଚାଇନା ସାମଗ୍ରୀ ବର୍ଜନ କରିବାକୁ ବ୍ୟବସାୟୀ ମାନେ ଡାକରା ଦେଇଥିଲେ। ଫଳରେ ଚାଇନାରୁ ଆସିବାକୁ ଥିବା ପ୍ରାୟ ୫୦ ହଜାର କୋଟି ଟଙ୍କାର ସାମଗ୍ରୀ ଭାରତରେ ପ୍ରବେଶ କରିପାରିନାହିଁ। ଏହାଦ୍ୱାରା ଚାଇନାକୁ ଝଟକା ଲାଗିଛି ବୋଲି କୁହାଯାଉଛି।

### ୯୧.୩୦ ଲକ୍ଷ ଟିକସ ଦାତାଙ୍କୁ ମିଳିଲା ରିଫଣ୍ଡ

**ନୂଆଦିଲ୍ଲୀ, ୫।୧୧:** ଟିକସଦାତାଙ୍କୁ ରିଫଣ୍ଡ ପ୍ରକ୍ରିୟାକୁ ଆୟକର ବିଭାଗ ତ୍ୱରାନ୍ୱିତ କରିଛି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ନଭେମ୍ବର ପହିଲା ଯାଏ ପ୍ରାୟ ୯୧.୩୦ ଲକ୍ଷ ଟିକସଦାତାଙ୍କୁ ୧.୧୨ ଲକ୍ଷ କୋଟି ଟଙ୍କା ରିଫଣ୍ଡ ପ୍ରଦାନ କରାଯାଇଛି। ଏହାମଧ୍ୟରେ ୮୯.୫୪ ଲକ୍ଷ ଲୋକଙ୍କୁ ୩୩,୫୪୮ କୋଟି ଟଙ୍କାର ବ୍ୟକ୍ତିଗତ ଆୟକର ରିଫଣ୍ଡ ଏବଂ ୧.୭୬ ଲକ୍ଷ ଟିକସଦାତାଙ୍କୁ ୭୮,୯୪୨ କୋଟି ଟଙ୍କାର ରିଫଣ୍ଡ ସାମିଲ ରହିଛି।

# ୬ ବର୍ଷରେ ୨୫୦% ବଢ଼ିଛି ଉତ୍ପାଦ ଟିକସ

**ନୂଆଦିଲ୍ଲୀ,୫।୧୧**

ତେଲ ଦର ଉଚ୍ଚ ଲାଗି ବିଶେଷଭାବେ କେନ୍ଦ୍ର ଏବଂ ରାଜ୍ୟ ସ୍ତରର ବର୍ଦ୍ଧିତ ଟିକସକୁ ଦାୟୀ କରାଯାଇଥାଏ। ଦେଶ ମଧ୍ୟରେ ଉଚ୍ଚ ଟିକସ ଲାଗୁ ହେବା ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଲେ ଏହାର ପ୍ରଭାବ ତ୍ୱରିତ ଭାବେ ଭାରତ ବଜାର ଉପରେ ପଡୁଛି। ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ବୁଧବାର କେନ୍ଦ୍ର ସରକାର ପେଟ୍ରୋଲ ଉପରେ ଲିଟର ପିଛା ୫ ଟଙ୍କା ଏବଂ ଡିଜେଲ ଉପରେ ୧୦ ଟଙ୍କା ଟିକସ ହ୍ରାସ କରିଛନ୍ତି। ସେହିଭଳି ଓଡ଼ିଶା ସରକାର ୩ ଟଙ୍କା ଲେଖାଏ ଭାଟ୍ ହ୍ରାସ କରିଛନ୍ତି। ରାଜ୍ୟ ସ୍ତରରେ ଭାଟ୍ ଭିନ୍ନ ରହିବା ଯୋଗୁ ସାରା ଦେଶରେ ତେଲ ଦରରେ ଭିନ୍ନତା ରହୁଛି। ତେବେ ଏକ ରିପୋର୍ଟ ମୁତାବକ ଗତ ୬ ବର୍ଷରେ କେନ୍ଦ୍ର ସରକାର ୨୫୦% ଉତ୍ପାଦ ଟିକସ ବଢ଼ାଇଥିବା ଜଣାପଡ଼ିଛି। ୨୦୧୪ରେ ପେଟ୍ରୋଲ ଉପରେ ଲିଟର ପିଛା ୯.୪୮ ଟଙ୍କାର ଉତ୍ପାଦ ଟିକସ ଲାଗୁ ହେଉଥିଲା। ଏହା ବର୍ତ୍ତମାନ ୨୭.୯୦ ଟଙ୍କା ରହିଛି। ସେହିଭଳି ଡିଜେଲ ଉପରେ ଉତ୍ପାଦ ଟିକସ ୩.୫୬ ଟଙ୍କାରୁ ୨୧.୮୦ ଟଙ୍କାକୁ ବୃଦ୍ଧି ଘଟିଛି।

ଲୋକମାନେ କରୋନା କାଳରେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ସରକାର ଟିକସ ବଢ଼ାଇ ବୃହତ୍ ପରିମାଣର ଅର୍ଥ ଯୋଗାଡ଼ କରିଥିଲେ। ବର୍ତ୍ତମାନର ଟିକସ ହ୍ରାସକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉତ୍ତର ପ୍ରଦେଶ,



ଝାଡ଼ଖଣ୍ଡ, ପଞ୍ଜାବ, ମଣିପୁର ଏବଂ ଗୋଆ ଭଳି ରାଜ୍ୟରେ ହେବାକୁ ଥିବା ନିର୍ବାଚନ ଚାପରେ ହୁଏତ ସରକାର ତେଲ ଟିକସ କମାଇଛନ୍ତି ବୋଲି ବିଶେଷଜ୍ଞ କହିଛନ୍ତି। ସେହିଭଳି ଗୁଜରାଟ ଏବଂ ହିମାଚଳ ପ୍ରଦେଶରେ ବର୍ଷ ଶେଷ ସୁଦ୍ଧା ନିର୍ବାଚନ ହେବ। ବିଧାନସଭା ନିର୍ବାଚନ ଶେଷ ହେବା ପରେ ସରକାର ତେଲ ଦର ପୁଣି ବଢ଼ାଇବେ ବୋଲି ରାଷ୍ଟ୍ରୀୟ ଜନତା ଦଳ ସୁପ୍ରିମୋ ଲାଲୁପ୍ରସାଦ ଯାଦବ କହିଛନ୍ତି। ଟିକସ କମିଥିବାରୁ ସାମଗ୍ରୀର ଦରଦାମ କମିବାରେ ଏହା ଯୋଗଦାନ ରଖିବ। ତେବେ ନିର୍ବାଚନ ସରିବା ପରେ ତେଲ ଦର ପୁଣି ବଢ଼ିପାରେ ବୋଲି ଖାଉଟି ଆଶଙ୍କାରେ ରହିଛନ୍ତି। ବର୍ତ୍ତମାନ ଦରଦାମ ଉଚ୍ଚରେ ରହିଥିବାରୁ ତେଲ ଦର କମ୍ କରି ସରକାର ଖାଉଟିଙ୍କୁ ଆଶ୍ୱସ୍ତି ଦେବା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

> **ନିର୍ବାଚନ ସରିଲେ ପୁଣି ବଢ଼ିବ ତେଲ ଦର: ଲାଲୁ ଯାଦବ**

ଏନର୍ଜି ଏକ୍ସପର୍ଟ ନରେନ୍ଦ୍ର ତନେଜା କହିଛନ୍ତି, ୨୦୨୦ରେ ମହାମାରୀ ଯୋଗୁ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଯାଇଥିଲା। ପେଟ୍ରୋଲ ଏବଂ ଡିଜେଲ ଚାହିଦା ୩୫%ରୁ ନିମ୍ନକୁ ଖସିଥିଲା। ସରକାରଙ୍କ ରାଜସ୍ୱ ଉପରେ ଏହାର ପ୍ରଭାବ ପଡ଼ିଲା। ଲକ୍‌ଡାଉନ ଯୋଗୁ ଅଶୋଧିତ ତେଲ ଦର ମଧ୍ୟ ରେକର୍ଡ ନିମ୍ନ ସ୍ତରକୁ ଆସିଥିଲା। ଏହି ସମୟରେ ସରକାର ତେଲ ଦର କମ୍ କରିବା ପରିବର୍ତ୍ତେ ଉତ୍ପାଦ ଟିକସ ବଢ଼ାଇ ରାଜସ୍ୱ ଆଦାୟ କରିବାରେ ଲାଗିଲେ।

#### ଆର୍ଥିକ କାର୍ଯ୍ୟକଳାପ ସୁଧାରରୁ ଟିକସ ହ୍ରାସ

ଲକ୍‌ଡାଉନ କଟକଣା କୋହଳ ହେବା ଯୋଗୁ ବର୍ତ୍ତମାନ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ସରକାର ନିଜର ଯୋଜନାଗୁଡ଼ିକୁ ଚଳାଇବା ଲାଗି ବର୍ତ୍ତମାନ ଭଲ ସ୍ଥିତିରେ ରହିଛନ୍ତି। ତେଲ ଉପରେ ଟିକସ କମାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଦିଗ ଉପରେ ବିଚାରବିମର୍ଶ କରାଯାଉଥିଲା। ଜିଏସ୍‌ଟି ଆଦାୟରେ ଲଗାତର ବୃଦ୍ଧି ଏବଂ ଆର୍ଥିକ କାର୍ଯ୍ୟକଳାପରେ ଉନ୍ନତି ଆସିବାକୁ ବୁଧବାର ତେଲ ଉପରେ ଟିକସ ହ୍ରାସ ଘୋଷଣା କରାଯାଇଛି। ତେଲ ଦର ବୃଦ୍ଧିରୁ ମୁଦ୍ରାସ୍ଫୀତି ଏବଂ ପରିବହନ ଖର୍ଚ୍ଚ ବଢ଼ିଛି। ଏହାର ପ୍ରଭାବ ଦରଦାମ ଉପରେ ମଧ୍ୟ ଦେଖାଯାଉଛି। ଏଭଳି ସ୍ଥିତିରେ ଖାଉଟିଙ୍କୁ କିଛି ଆଶ୍ୱସ୍ତି ଦେବାକୁ ସରକାର ବିଚାର କରିଥିଲେ।

#### ରାଜକୋଷ ଉପରେ କ'ଣ ପ୍ରଭାବ

ତେଲ ଟିକସ ହ୍ରାସ ଦ୍ୱାରା ରାଜକୋଷ ଉପରେ କେତେ ପ୍ରଭାବ ପଡିବ ବୋଲି ମନକୁ ପ୍ରଶ୍ନ ଆସେ। ଉତ୍ପାଦ ଟିକସ ହ୍ରାସ ଦ୍ୱାରା କେନ୍ଦ୍ର ସରକାରଙ୍କ ରାଜକୋଷକୁ ଚଳିତ ଆର୍ଥିକ ବର୍ଷ ୫ ମାସରେ ପ୍ରାୟ ୫୫ ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେବ। ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୫ଟଙ୍କା ଏବଂ ୧୦ଟଙ୍କା ଟିକସ ହ୍ରାସ ହେବା ଦ୍ୱାରା ପେଟ୍ରୋଲ ୮ରୁ ୯ ଏବଂ ଡିଜେଲ ପ୍ରାୟ ୧୭ ଟଙ୍କା ହ୍ରାସ ହେବ ବୋଲି ଆକଳନ କରାଯାଇଛି।

#### ୫ ବର୍ଷରେ ପେଟ୍ରୋଲ ୫୮% ମହଙ୍ଗା

ଗତ ୫ ବର୍ଷରେ ପେଟ୍ରୋଲ ୫୮% ମହଙ୍ଗା ହୋଇଛି। ୨୦୧୭ ନଭେମ୍ବରରେ ପେଟ୍ରୋଲ ଲିଟର ପିଛା ୬୯.୧୪ ଟଙ୍କା ଏବଂ ଡିଜେଲ ୭୩.୭୩ ଟଙ୍କା ଥିଲା। ୨୦୧୮ ନଭେମ୍ବରରେ ଏହି ଦର ଯଥାକ୍ରମେ ୭୯.୩୭ ଟଙ୍କା ଏବଂ ୭୩.୭୮ ଟଙ୍କା ରହିଥିଲା। ୨୦୧୯ ନଭେମ୍ବରରେ ଦର ୭୨.୮୬ ଟଙ୍କା ଏବଂ ୬୫.୮୦ ଟଙ୍କା, ୨୦୨୦ ନଭେମ୍ବରରେ ୮୧.୦୬ ଟଙ୍କା ଏବଂ ୭୦.୪୬ ଟଙ୍କା ଏହା ଛୁଇଁଥିଲା। ୨୦୨୧ ନଭେମ୍ବରରେ ଦର ୧୦୯.୬୯ ଟଙ୍କା ଏବଂ ୯୮.୪୨ ଟଙ୍କା ରହିଥିଲା।

#### ୨୩ ରାଜ୍ୟ ଭାଟ୍ କମାଇଲେ

କେନ୍ଦ୍ର ସରକାରଙ୍କ ଆହ୍ୱାନ ପରେ ୨୩ ରାଜ୍ୟ ଅଦ୍ୟାବଧି ଭାଟ୍ କମାଇଛନ୍ତି। ତେବେ ଆଗାମୀ ଦିନରେ ମଧ୍ୟ ତେଲ ଦର ବଢ଼ିବ ବୋଲି ନରେନ୍ଦ୍ର ତନେଜା କହିଛନ୍ତି। ଭାରତ ବର୍ତ୍ତମାନ ଏହାର ମୋଟ ତେଲ ଚାହିଦାର ୮୬% ବିଦେଶରୁ ଆମଦାନୀ କରୁଛି। ୨୦୨୩ରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି। ଏପରି ସ୍ଥଳରେ ଅଶୋଧିତ ତେଲ ଦର ବଢ଼ିଲେ ଏହାର ପ୍ରଭାବ ଖାଉଟିଙ୍କ ଉପରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି।

## ଏବେ ବି ପସନ୍ଦ ନଗଦ ନେଣଦେଣ

**ବଜାରରେ ରହିଛି ୨୮.୩୦ ଲକ୍ଷ କୋଟି**

**ନୂଆଦିଲ୍ଲୀ, ୫।୧୧**

ଡିଜିଟାଲ ନେଣଦେଣ ଦେଶ ମଧ୍ୟରେ ତ୍ୱରାନ୍ୱିତ ହୋଇଛି। ମାତ୍ର କ୍ୟାଶ୍ ବା ନଗଦ ଅର୍ଥ ନେଣଦେଣକୁ ଲୋକମାନେ ଏବେ ମଧ୍ୟ ପସନ୍ଦ କରୁଛନ୍ତି। ନଗଦ କାରବାର ରେକର୍ଡ ଉଚ୍ଚ ସ୍ତରରେ ରହିଛି। ୮ ଅକ୍ଟୋବର ସୁଦ୍ଧା ଲୋକଙ୍କ ନିକଟରେ ନଗଦ ଅର୍ଥ ବୃଦ୍ଧି ପାଇ ୨୮.୩୦ ଲକ୍ଷ କୋଟି ଟଙ୍କା ରହିଥିଲା। ବିମୁଦ୍ରୀକରଣ ପୂର୍ବରୁ ୪ ନଭେମ୍ବର ୨୦୧୬ ବେଳକୁ ବଜାରରେ ୧୭.୯୭ ଲକ୍ଷ କୋଟି ଟଙ୍କାର ନଗଦ ରହିଥିଲା। ଲୋକଙ୍କ ପାଖରେ ପ୍ରାୟ ୫ ବର୍ଷରେ କ୍ୟାଶ୍ ପରିମାଣ ୫୭.୪୮% ବୃଦ୍ଧି ପାଇଛି। ୮ ନଭେମ୍ବର ୨୦୧୬ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରିବା ଦ୍ୱାରା ୫୦୦ ଏବଂ ୧୦୦୦ ଟଙ୍କାର ନୋଟ୍‌ଗୁଡିକୁ ଅଚଳ କରି ଦେଇଥିଲେ। ଏହା ପରେ ନୂଆ ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ୍ ଜାରି କରାଗଲା। ବିମୁଦ୍ରୀକରଣ ପରେ ସିଷ୍ଟମରୁ ନଗଦ ହ୍ରାସ ଏବଂ ଡିଜିଟାଲ କାରବାରକୁ ଉତ୍ସାହିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି। ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ଭଳି ସିଷ୍ଟମକୁ ସରକାର ଉତ୍ସାହିତ କରୁଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଲୋକମାନେ କ୍ୟାଶ୍ ବା ନଗଦ କାରବାର କମାଇବାକୁ ସକ୍ଷମ ହୋଇନାହାନ୍ତି।

# ଜିନ୍ଦେଗି ଫାଉଣ୍ଡେଶନକୁ ପୁଣି ସଫଳତା

**ଭୁବନେଶ୍ୱର,୫।୧୧**

ଚଳିତ ବର୍ଷର ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ଫଳ ନିକଟରେ ପ୍ରକାଶ ପାଇଛି। ଏହି ସର୍ବଭାରତୀୟ ପରୀକ୍ଷାରେ ଜିନ୍ଦେଗି ଫାଉଣ୍ଡେଶନର ୧୮ରୁ ୧୮ ଜଣ ଛାତ୍ର ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି। ପିଲାଙ୍କ ଏହି ସଫଳତା ସମ୍ପର୍କରେ ଫାଉଣ୍ଡେଶନର ପ୍ରତିଷ୍ଠାତା ବିଶିଷ୍ଟ ଶିକ୍ଷାବିତ ଡ. ଅଜୟ ବାହାଦୁର ସିଂ କହିଛନ୍ତି, ସମାଜର ବିଭିନ୍ନ ବର୍ଗ ଓ ଅନେକ ସମସ୍ୟାର ସାମ୍ନା କରୁଥିବା ଗରିବ ମେଧାବୀ ପିଲାମାନେ




ସେମାନଙ୍କ ପରିଶ୍ରମର ଫଳ ଆଜି ପାଇଛନ୍ତି। ଏହା ଫଳରେ ସମସ୍ତଙ୍କୁ ସ୍ୱୀକୃତି ମିଳିଛି। ଗରିବ ଓ ଅସହାୟ ମେଧାବୀ ଛାତ୍ରର ଡାକ୍ତରୀ ହେବାର ସ୍ୱପ୍ନକୁ ମୁଁ ଜିନ୍ଦେଗି ଫାଉଣ୍ଡେଶନ ଜରିଆରେ ପୂରଣ କରିବାକୁ ଶତଚେଷ୍ଟା କରୁଛି ବୋଲି ସିଂ ମତବ୍ୟକ୍ତ କରିଛନ୍ତି। ୨୦୧୭ ଠାରୁ ଫାଉଣ୍ଡେଶନର ଛାତ୍ର ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ସଫଳତା ହାସଲ କରିଛନ୍ତି। ହେଲେ ଚଳିତ ବର୍ଷ ଏକ ଭିନ୍ନ ବାତାବରଣ ସାଙ୍ଗକୁ ଅନ୍‌ଲାଇନ ପାଠପଢ଼ା ଓ ପିଲାଙ୍କ କଠିନ ପରିଶ୍ରମ ଯୋଗୁ ଫାଉଣ୍ଡେଶନ ପୂର୍ବ ବର୍ଷ ପରି ଏ ବର୍ଷ ମଧ୍ୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଛି। କୋଭିଡ୍ ଯୋଗୁ ସବୁ କିଛି ବନ୍ଦ ରହିଥିଲା, ହେଲେ ଫାଉଣ୍ଡେଶନର ପିଲା ଦିନରାତି ଏକ କରି ଡାକ୍ତର ହେବାର ସ୍ୱପ୍ନକୁ ସାକାର କରିଛନ୍ତି। ୨୦୧୭ରେ ୧୮ ଜଣ, ୨୦୧୮ରେ ୧୪ ଜଣ, ୨୦୧୯ରେ ୧୯ ଜଣ ଏବଂ ୨୦୨୦ରେ ୧୮ ଜଣ ଛାତ୍ର ଜିନ୍ଦେଗୀ ଫାଉଣ୍ଡେଶନ ସହଯୋଗରେ ଡାକ୍ତର ହୋଇପାରିଛନ୍ତି।

# ମାଗଣା ରାଶନ ସ୍କିମ୍ ଅବଧି ବଢ଼ିବନି

**ନୂଆଦିଲ୍ଲୀ, ୫।୧୧**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା(ପିଏମ୍‌ଜିକେଏୱାଇ)ର କେନ୍ଦ୍ର ସରକାର ପ୍ରଦାନ କରୁଥିବା ମାଗଣା ରାଶନ ଅବଧି ନଭେମ୍ବର ୩୦ରୁ ବଢ଼ିବନି। ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ସୁଧାର ପଥକୁ ଫେରୁଥିବା ବେଳେ ଓଏମ୍‌ଏସ୍‌ଏସ୍ ପଲିସି ଦ୍ୱାରା ଖୋଲା ବଜାରରେ ଉପଲବ୍ଧ ଥିବା ଖାଦ୍ୟ ସାମଗ୍ରୀ ପରିମାଣ ଉନ୍ନତ ଯୋଗୁ ଉକ୍ତ ଯୋଜନାକୁ ବଢ଼ାଇବା ପ୍ରସ୍ତାବ କେନ୍ଦ୍ର ସରକାର ରଖି ନାହାନ୍ତି। ଏ ସମ୍ପର୍କରେ କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ ସ୍ପଷ୍ଟ କରିଛନ୍ତି। ୨୦୨୦ ମାର୍ଚ୍ଚରେ ପିଏମ୍‌ଜିକେଏୱାଇର ଘୋଷଣା କରାଯାଇଥିଲା। କୋଭିଡ୍ ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବାରୁ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେବା ଲାଗି ସରକାର ଏପ୍ରିଲ-ଜୁନ ଅବଧି ଲାଗି ଏହି ଯୋଜନାକୁ ଘୋଷଣା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ନଭେମ୍ବର ୩୦ ଯାଏ ବଢ଼ାଯାଇଛି। ଉକ୍ତ ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଥିବା ୮୦ କୋଟି ରାଶନକାର୍ଡଧାରୀଙ୍କୁ ସରକାର ଅତିରିକ୍ତ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଉଥିଲେ।

**ଫୁର୍‌ସତ୍**

# ମୋଗଲ ସମୟରେ ଦୀପାବଳି ପାଳନ

**ନୂଆଦିଲ୍ଲୀ:** ମୋଗଲ ଶାସନ କାଳରେ ଦିୱାଲି ବା ଦୀପାବଳି ପର୍ବ ଜଶ୍ନ-ଇ-ଚିରାଗନ ଭାବରେ ପରିଚିତ ଥିଲା ଓ ଏହା ଖୁବ୍ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଉଥିଲା। ଦୀପାବଳିରେ ଲାଲ୍‌କିଲ୍ଲାର ରଙ୍ଗ ମହଲ ଦୀପମାଳାରେ ସଜ୍ଜିତ ହେଉଥିଲା। ସମ୍ରାଟ ମହମ୍ମଦ ଶାହା ରାଜପ୍ରାସାଦ ବାହାରେ ମହିଳାମାନଙ୍କ ସହ ଦିୱାଲି ପାଳନ କରୁଥିବା ଏକ ପେଣ୍ଟିଂରୁ ଦେଖିବାକୁ ମିଳିଛି। ଦିୱାଲିରେ ମୋଗଲ ସମ୍ରାଟଙ୍କୁ ସୁନା ଓ ରୁପାରେ ଓଜନ କରାଯାଉଥିଲା। ଉକ୍ତ ସୁନା ରୁପାକୁ ଗରିବଙ୍କ ମଧ୍ୟରେ ବାଣ୍ଟିଦିଆଯାଉଥିଲା। କେତେଜଣ ମୋଗଲ ମହିଳା କୁତବ୍‌ମିନାର ଉପରେ ଚଢ଼ି ଆଲୋକ ସଜ୍ଜା ଓ ବାଣ ରୋଶଣି ଦେଖୁଥିଲେ। ଏଥିସହିତ ସ୍ୱତନ୍ତ୍ର



ଆକାଶ ଦୀପ ୪୦ ଗଜ ଉଚ୍ଚତା ବିଶିଷ୍ଟ ଏକ ସ୍ତମ୍ଭ ଉପରେ ଜଳାଯାଉଥିଲା। ଉକ୍ତ ସ୍ତମ୍ଭକୁ ୧୬ଟି ଦଉଡ଼ିରେ ଚାରିପଟୁ ବାନ୍ଧି ରଖାଯାଉଥିବାବେଳେ ବହୁ ପରିମାଣର କପାମଞ୍ଜି ତେଲରେ ଏହା ଜଳୁଥିଲା ଓ ଦରବାରକୁ ଆଲୋକିତ କରୁଥିଲା।

ଉର୍ଦ୍ଦୁ ଏକାଡେମୀ ଦ୍ୱାରା ୧୯୮୭ରେ ପ୍ରକାଶିତ ମହେଶ୍ୱର ଦୟାଲଙ୍କ ପୁସ୍ତକ 'ଆଲମ ମେ ଇନ୍ତେଖାବ୍: ଦିଲ୍ଲି'ରେ ମୋଗଲ ସମୟରେ ଦିଲ୍ଲୀର ଇତିହାସ, ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏଥିରେ ଦଶହରା, ରାମଲୀଳା, ଦୀପାବଳି ସମ୍ପର୍କରେ ଉଲ୍ଲେଖ ରହିଛି। ସମ୍ରାଟ ଶାହାଜାହାନ ରାଜଧାନୀକୁ ଆଗ୍ରାରୁ ଦିଲ୍ଲୀ ସ୍ଥାନାନ୍ତର କରିବା ପରେ ସେଠାରେ ପ୍ରାଚୀର ଘେରା ସହର ଶାହାଜାହାନବାଦ ପ୍ରତିଷ୍ଠା କରିଥିଲେ। ତାଙ୍କ ସୈନ୍ୟ ଓ ଜନସାଧାରଣ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ହିନ୍ଦୁ ପର୍ବ ପାଳନ କରିବା ଲାଗି ଶାହାଜାହାନ ପୃଷ୍ଠପୋଷକତା ଯୋଗାଇଦେଉଥିଲେ। ଲାଲ୍‌କିଲ୍ଲା ପଛପାର୍ଶ୍ୱ ଯମୁନା ନଦୀ କୂଳରେ ହିନ୍ଦୁ ସୈନ୍ୟମାନେ ଦଶହରା ପାଳନ କରୁଥିଲେ। ରମଲୀଳା ଦଶହରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ଦିଲ୍ଲୀରେ ପ୍ରଥମ ରାମଲୀଳା କମିଟି ସମ୍ରାଟ ବାହାଦୁର ଶାହା ଜାଫରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା, ଯାହା ଆଜିପର୍ଯ୍ୟନ୍ତ ରହିଛି। ଅଷ୍ଟାଦଶ ଶତାବ୍ଦୀରେ ହିନ୍ଦୁ ମୁସଲମାନମାନେ ଏକାଠି ଦଶହରା ଓ ରାମଲୀଳା ଖୁବ୍ ଉତ୍ସାହ ଉଦ୍ଦୀପନାର ସହ ପାଳନ କରୁଥିଲେ ବୋଲି ମିର୍ଜା କାତିଲଙ୍କ ପାର୍ସି ପୁସ୍ତକ 'ହାଫ୍‌ତ ତମାଶା'ରେ ଉଲ୍ଲେଖ ରହିଛି। ଦିଲ୍ଲୀର ବଜାର ଓ ଛକ ସ୍ଥାନରେ କାର୍ଡବୋର୍ଡ ଏବଂ କାଗଜରେ ରାବଣର ବିରାଟ ମୂର୍ତ୍ତି ନିର୍ମାଣ ହେଉଥିଲା ଓ ଏହାର ପେଟରେ ସରବତର ଏକ ମାଟିପାତ୍ର ରଖାଯାଉଥିଲା। ଭଗବାନ ରାମ ବେଶଧାରୀ ପିଲାମାନେ ଉକ୍ତ ମାଟିପାତ୍ରକୁ ତୀର ମାରି ଭାଙ୍ଗୁଥିଲେ। ଉକ୍ତ ମାଟିପାତ୍ରର ସରବତକୁ ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ବଣ୍ଟାଯାଉଥିଲା।

## କାର୍ ବଦଳରେ ଟାଟୁ

**ତଲାହସି:** ଦୁନିଆରେ ବିଭିନ୍ନ ପ୍ରକାରର ଲୋକ ଅଛନ୍ତି। ସମସ୍ତଙ୍କ ରୁଚି ବି ଅଲଗା। କିଛି ଲୋକ ଗାଡ଼ି କିଣି ଚଢ଼ିବା ପାଇଁ ବହୁତ ପସନ୍ଦ କରିଥାନ୍ତି। କିନ୍ତୁ ପାଖରେ ଟଙ୍କାର ଅଭାବ ହେତୁ ତାଙ୍କ ଇଚ୍ଛା ପୂରଣ ହୋଇପାରେ ନାହିଁ।



ଫ୍ଲୋରିଡାରେ ରହୁଥିବା ଖେଣ୍ଟ ଆମେଣ୍ଟ୍ୟୁ ନାମକ ଯୁବକ ରୋଲ୍ସ ରଏସ କାର୍‌କୁ ବହୁତ ପସନ୍ଦ କରନ୍ତି। ଏତେ ଦାମୀ କାର୍ କିଣିବା ପାଇଁ ତାଙ୍କ ପାଖରେ ଅର୍ଥ ନ ଥିଲା। ତେଣୁ ସେ ମୁହଁରେ କାର୍‌ର ଲୋଗୋ ଟାଟୁ କରିଛନ୍ତି।

**ଜନ୍ମବାର୍ଷିକ ଶୁଭେଚ୍ଛା**



(ରୁଦ୍ର)

**ସ୍ୱସ୍ତିକ ମହାପାତ୍ର**

ଦର୍ଜିସାହି, ପିପିଲି, ପୁରୀ

ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।

**ଶୁଭେଚ୍ଛା ସହ:** ସୁଜିତ୍, ତୃପ୍ତି, କ୍ଷେତ୍ରମୋହନ, ଲକ୍ଷ୍ମୀପ୍ରିୟା, ସୁମିତ୍ କୁମାର, ସୁନୀତା ଓ ପରିବାରବର୍ଗ।

ଧ-୨୨୧୬୫

**CLASSIFIED DISPLAY**

MORE SPACE • SAME PRICE

TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 8x4 | 12x4 | 8x4 | 12x4 | 8x4 | 12x4 | 8x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ମନେ ପଡ଼ନ୍ତି

**ପ୍ରଥମ ବାର୍ଷିକୀ ଶ୍ରାଦ୍ଧୋତ୍ସବ**



**ସ୍ୱର୍ଗତ ଧନେଶ୍ୱର ତ୍ରିପାଠୀ**

ଆବିର୍ଭାବ: ୨୬।୦୭।୧୯୩୧
ତିରୋଧାନ: ୧୬।୧୧।୨୦୨୦

ହେ ପୂଜ୍ୟ ଆପଣଙ୍କ ପବିତ୍ର ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ଆପଣଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

-:ଶୋକସନ୍ତପ୍ତ:-
ଭାରତୀ, ଟୁନା, ଆରତୀ, ନେନ୍, ବୁଲୁ, ଡେଜି, ପ୍ରଣତି ଏବଂ ତ୍ରିପାଠୀ ପରିବାର, ବଲାଙ୍ଗୀର।

ଧ-୨୨୧୬୧

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ସବିତା ମହାନ୍ତି**
ସ୍ୱାମୀ- ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି
ସୁକିଦା, ମାଛଗାଁ, ଜଗତ୍‌ସିଂହପୁର

ଆବିର୍ଭାବ: ୩୦।୦୫।୧୯୫୪
ତିରୋଧାନ:(ଗୋବର୍ଦ୍ଧନ ପୂଜା) ୨୪।୧୦।୨୦୧୪

ବର୍ଷ ପରେ ବର୍ଷ ଏହିପରି ସାତ ବର୍ଷ ବିତିଗଲାଣି। ତୁମେ ଆମକୁ ପବିତ୍ର ଗୋବର୍ଦ୍ଧନ ପୂଜା ଦିନରେ ଛାଡ଼ି ଚାଲିଗଲ। ତୁମର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ମମତା ଓ ଭଲପାଇବା ଆମ ପାଇଁ ଚିରସ୍ମରଣୀୟ ଓ ପଥ ପ୍ରଦର୍ଶକ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏହାହିଁ ଆମର କାମନା। ଭକ୍ତିପୂତ ଶ୍ରଦ୍ଧାଞ୍ଜଳି:- ସ୍ୱାମୀ: ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି, ପୁତ୍ର: ଶିବୁ ଓ ବୁବୁ, କନ୍ୟା: ରୁନି, ଝିଅ: ଝିଲି, ସିଲି, ନିନି, ବୁନି, ଜ୍ୱାଇଁ: ବାପୁ, ରତନ୍, ବାପି, ବବ୍ଲୁ, ନାତି: ସୋମନାଥ (ରେହାନ୍), ନାତୁଣୀ: ଶ୍ୱେତଲିନା, ସୁଶ୍ରୀ ଓ ଜୟଶ୍ରୀ

ଧ-୭୦୯୬୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧୂଳେଶ୍ୱର ବେହେରା**
ଅଭୟମୁଖୀ, ବାଲିପାଟଣା, ଖୋର୍ଦ୍ଧା

ଆବିର୍ଭାବ: ୨୧।୦୩।୧୯୨୩
ତିରୋଧାନ: ୧୬।୧୧।୨୦୨୦

ଆପଣଙ୍କର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:- ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୨୨୧୬୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁରେଶ ଚନ୍ଦ୍ର ଜେନା**
(ଅବସରପ୍ରାପ୍ତ ସେନା)
ସର୍ବୋଦୟ ନଗର, ବଙ୍ଗାଳିତୋଟା, ପୁରୀ

ଆବିର୍ଭାବ: ୦୧।୦୧।୧୯୫୯
ତିରୋଧାନ: ୨୭।୧୦।୨୦୨୧

ବିଧାତାର ନିଷ୍ଠୁର ସତ୍ୟ ଅନୁସାରେ ତୁମେ ଆମ୍ଭଙ୍କୁ ଇହଧାମରୁ ଛାଡ଼ି ଚାଲିଗଲ। ତୁମର ଅକାଳ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ତାଙ୍କ ଚରଣ କମଳେ ତୁମକୁ ସ୍ଥାନ ଦେଇ ଥାଆନ୍ତୁ ଏବଂ ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପାଥେୟ ହେଉ।

ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ

ଧ-୨୨୧୬୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**କ୍ୟାପଟେନ ଯଦୁମଣି ମିଶ୍ର**
ଶ୍ରୀରାମ ନଗର, ଖୋର୍ଦ୍ଧା

ଆବିର୍ଭାବ: ୧୭।୦୩।୧୯୩୭
ତିରୋଧାନ: ୧୬।୧୧।୨୦୨୦

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଲାଗୁଛି ଯେପରି ଆପଣ ଏବେବି ଆମ ଗହଣରେ ଅଛନ୍ତି। ଆପଣଙ୍କ ଆଶୀର୍ବାଦ, ସ୍ନେହ, ଭଲପାଇବା ସର୍ବଦା ଆମ ପ୍ରତି ଏପରି ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:- ମିଶ୍ର ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୬୮୮୭



ପ୍ରଭାସ

## ପ୍ରଭାସ ଚାହାନ୍ତିନି ଅନୁଷ୍କା କରନ୍ତୁ ବିବାହ

**ମୁମ୍ବାଇ :** ଅନୁଷ୍କା ସେଟ୍ଟୀ ଓ ପ୍ରଭାସ ଅନେକ ଫିଲ୍ମରେ ଏକାଠି କାମ କରିଛନ୍ତି ଏବଂ ତାହା ହିଟ୍ ହୋଇଛି। ଉଭୟଙ୍କ କେମିଷ୍ଟ୍ରି ଦର୍ଶକଙ୍କ ହୃଦୟ ଜିତୁଥିବାରୁ ବାସ୍ତବ ଜୀବନରେ ସେମାନେ ବିବାହ କରନ୍ତୁ ବୋଲି ପ୍ରଶଂସକ ଚାହାନ୍ତି। ଅନେକ ଥର ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହୋଇଥାଏ। ତେବେ ବହୁତ କମ୍ ଲୋକ ଜାଣନ୍ତି ପ୍ରଭାସ ଅନୁଷ୍କାଙ୍କ ବିବାହକୁ ରୋକିବାକୁ ଚେଷ୍ଟା କରିଥିଲେ। ବାହୁବଳୀ ଶୁଟିଂ ବେଳେ ଅନୁଷ୍କାଙ୍କ ବିବାହ ପ୍ରସ୍ତୁତି ଚାଲିଥିଲା। ସେତେବେଳେ ପ୍ରଭାସ ଅନୁଷ୍କାଙ୍କୁ ବିବାହ କରିବାକୁ ମନା କରିଥିଲେ।

**କେମିତି ମଦ ଛାଡ଼ିବେ**

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।

**ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଦୀପାବଳିରେ ଜଳିଗଲା ୨ ଦୋକାନ

ଜଳେଶ୍ୱର,(ଡି.ଏନ.ଏ.)-ଗୁରୁବାର ରାତିରେ ସମସ୍ତେ ଦୀପାବଳି ଲାଗି ମସ୍‌ଗୁଲ ଥିବା ବେଳେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଗୋବରଘଟାଠାରେ ଥିବା ଦୁଇ ଗରିବ ଲୋକଙ୍କର ଦୋକାନ ପୋଡି ପାଉଁଶ ହୋଇଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଦୋକାନ ଘରେ ଥିବା ସମସ୍ତ ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଗରିବ ମହିଳା ଶାନ୍ତିଲତା ଦାସ ଓ ଅମର କୁମାର ଦାସଙ୍କ ସର୍ବସ୍ୱ ପୋଡିଯାଇଥିବାରୁ ତାଙ୍କୁ ସହାୟତା ଯୋଗାଇବାକୁ ଦାବି ହୋଇଛି ।

# ସଂକ୍ଷେପରେ

## ଅଜଗର ଉପରେ ଗାଡ଼ି ଚଢ଼ିଗଲା

ବାରିପଦା ଅଫିସ, ୫।୧୧-ମୟୂରଭଞ୍ଜ ଜିଲା ବିଶୋଇ ବନାଞ୍ଚଳ ଅଧୀନ ଖେଜୁରୀକଟା ଛକ ନିକଟ ଜାତୀୟ ରାଜପଥରେ ଗାଡ଼ି ଚଢ଼ିଯିବାରୁ ଏକ ଅଜଗରର ମୃତ୍ୟୁ ହୋଇଛି। ଖବରପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ମୃତ ଅଜଗରକୁ ସେଠାରୁ ଆଣିବା ସହ ଆଖପାଖ ଅଞ୍ଚଳରେ ଆଉ ସାପ ରହିଥିବା ନେଇ ଖୋଜାଖୋଜି ଚଳାଇଛନ୍ତି। ମୃତ ଅଜଗରର ଲମ୍ବ ୧୪ ଫୁଟ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ପଦ୍ମପୁର,୫।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ପଗଡ଼ ଗ୍ରାମର ମଣ୍ଟୁ ମୁଣ୍ଡା ନାମକ ଯୁବକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ପାରିବାରିକ କଳହକୁ କେନ୍ଦ୍ରକରି ମଣ୍ଟୁ ବୁଧବାର ପୂର୍ବାହ୍ନରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସାବରଙ୍ଗ ଥାନା ଏଏସ୍‌ଆଇ କୈଳାସ ଚନ୍ଦ୍ର ପାତ୍ର ପହଞ୍ଚି ମୃତଦେହ ଜବତ କରିଥିଲେ। ଥାନାରେ ଅପମୃତ୍ୟୁ ମାମଲା(ନଂ. ୨୦/୨୧) ରୁଜୁ ହୋଇଛି।

## ଆମ୍ବୁଲାନ୍ସ ଧକ୍କାରେ ଯୁବକ ମୃତ

### ଡ୍ରାଇଭର, ହେଲ୍‌ପର ଅଟକ

ସଜନାଗଡ଼, ୫।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ଅଧୀନ ନୀଳଗିରି-ମିତ୍ରପୁର ରାସ୍ତାର ପଣ୍ଡା ଅଫିସ ଛକ ନିକଟରେ ଗୁରୁବାର ଅପରାହ୍ନରେ ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳଗିରି ଏନଏସି ଅଧୀନ ସାନଅତା ଅଞ୍ଚଳର ଭକ୍ତଲୋଚନ ସାହୁ। ସେ ତାଙ୍କ ସ୍କୁଟିରେ ମିତ୍ରପୁରରୁ ନୀଳଗିରିକୁ ଆସୁଥିବା ବେଳେ ପଣ୍ଡା ଅଫିସ୍ ଛକଠାରେ ଏକ ଘରୋଇ ଆମ୍ବୁଲାନ୍ସ (ନଂ.ଓଡ଼ି୩୩ଏଡି ୬୪୭୭) ଦ୍ରୁତିଗତିରେ ଆସି ତାଙ୍କ ସ୍କୁଟି ପଛପଟକୁ ଧକ୍କା ଦେଇଥିଲା। ଫଳରେ ଭକ୍ତଲୋଚନଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୀଳଗିରି ପୋଲିସ ପହଞ୍ଚି ଆମ୍ବୁଲାନ୍ସକୁ ଜବତ କରିବା ସହ ଡ୍ରାଇଭର ଓ ହେଲପରଙ୍କୁ ଅଟକ ରଖିଛି। ଏନେଇ ନୀଳଗିରି ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

## ବାଇକ୍ ଧକ୍କାରେ ଫରେଷ୍ଟଗାର୍ଡଙ୍କ ମୃତ୍ୟୁ

ସଜନାଗଡ, ୫।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ରେଞ୍ଜ ଅଫିସ ସହ ଧୋବଶିଳା ବିଟ୍‌ରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ଭଜମୋହନ ସିଂଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତାଙ୍କ ଘର ନରଣପୁର ବାରାଗଡ଼ିଆ ଗ୍ରାମରେ। ସେ ଶୁକ୍ରବାର ଅପରାହ୍ନରେ ବାରାଗଡ଼ିଆରୁ ବାଇକ୍‌ରେ ନୀଳଗିରି ଅଫିସକୁ ଆସୁଥିବା ବେଳେ ଗୋଡ଼ିଶୁଳ ଛକଠାରେ ବିପରୀତ ଦିଗରୁ ଆସୁଥିବା ନରସିଂହପୁର ଗ୍ରାମର ବିଶ୍ୱଜିତ ଜେନା ଓ ଟିକୁ ଜେନାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଟିକୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଫରେଷ୍ଟଗାର୍ଡ ଭଜମୋହନଙ୍କୁ ପରିବାର ଲୋକ ନୀଳଗିରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କାର୍ ଧକ୍କାରେ ବାଳକଙ୍କ ଜୀବନ ଗଲା

ଢେଙ୍କିକୋଟ, ୫।୧୧(ଡି.ଏନ.ଏ)-କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅଧୀନ ପିପିଳିଆ ପଞ୍ଚାୟତର ଚାନ୍ଦପଶି ଗ୍ରାମ ମୁଣ୍ଡାସାହିର ରଇବୁ ମୁଣ୍ଡା ନାମକ ଜଣେ ବାଳକଙ୍କ ଅଜଣା କାର୍ ଧକ୍କାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗୁରୁବାର ରଇବୁ ଘର ନିକଟ ଦେଇ ଯାଇଥିବା ୨୦ ନଂ. ଜାତୀୟ ରାଜପଥ ପାର୍ ହେଉଥିବା ବେଳେ କାର୍‌ଟି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଫାଣ୍ଡି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଘଟଗାଁ ଥାନା ପୋଲିସ ମାମଲା (ନଂ.୧୫୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

# ଆଖଣ୍ଡଳମଣି ମନ୍ଦିରରେ ଉଠିଲା ମହାଦୀପ

ଆରଡ଼ି,୫।୧୧(ଡି.ଏନ.ଏ.)

ଦୀପାବଳି ଅବସରରେ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ଆଖଣ୍ଡଳମଣି ମନ୍ଦିରରେ ଗୁରୁବାର ରାତି ୯ଟାରେ ମହାଦୀପ ଉଠିଥିଲା। କୋଭିଡ୍ କଟକଣା ଯୋଗୁ ପୀଠରେ ଭକ୍ତଙ୍କ ସମାଗମ ହୋଇ ନ ଥିଲା। ଭୋର ୫ଟାରେ ମଙ୍ଗଳ ଆଳତି ପରେ ବାବାଙ୍କ ପାଖରେ ଦୀପାବଳି ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୪ଟାରେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କଲାପରେ ମହାଦୀପ ଉଠିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ରାତି ସାଢ଼େ ୮ଟାରେ ମନ୍ଦିର ଗର୍ଭଗୃହକୁ ମହାଦୀପ ନିଆଯାଇଥିଲା। ସେଠାରେ ପୂଜକମାନେ ଏହାକୁ ମାର୍ଜନା କରିବା ସହ ବାବା ଆଖଣ୍ଡଳମଣିଙ୍କୁ ସମର୍ପଣ କରିଥିଲେ। ରାତି ପ୍ରାୟ



ଆଖଣ୍ଡଳମଣି ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଉଛି।

୯ଟା ବେଳେ ସେଠାରୁ ମହାଦୀପକୁ ସେବାୟତମାନେ ବେଢ଼ାରେ ୭ ଥର ବୁଲାଇଥିଲେ। ଶେଷରେ ସେବାୟତମାନଙ୍କ ହରିବୋଲ, ହୁଳହୁଳି, ଘଣ୍ଟଧ୍ୱନିର ତାଳେ ତାଳେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା।

ଦୀପାବଳିରେ ଶିବମନ୍ଦିରରେ ମହାଦୀପ ଉଠିବା ପ୍ରଥା କେବଳ ଆରଡ଼ିରେ ହିଁ ରହିଛି। ଏହାକୁ ଦର୍ଶନ କଲେ ବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ଆଖଣ୍ଡଳମଣି ମହାପୁରାଣରେ ଉଲ୍ଲେଖ ଅଛି। ଚଳିତବର୍ଷ ମହାଦୀପ ଉଠିବା ଦ୍ୱାରା ବିଶ୍ୱରେ କଲ୍ୟାଣ ସାଧିତ ହେବା ସହ କରୋନା ମହାମାରୀ ଦୂର ହେବ ବୋଲି ସେବାୟତମାନେ ମତପ୍ରକାଶ କରିଛନ୍ତି। ଆରଡ଼ି ଫାଣ୍ଡି ଅଧିକାରୀ କୁଳମଣି ପାତ୍ରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ମହାଦୀପ ଉଠିଲା ବେଳେ ଉପସ୍ଥିତ ଥିଲେ।

# କଟକଣାରେ ହେଲା କାଳୀପୂଜା

ବାରିପଦା ଅଫିସ/କୁଆମରା/ବୈଶିଙ୍ଗା/ବାଙ୍ଗିରିପୋଷି,୫।୧୧(ଡି.ଏନ.ଏ.)

କୋଭିଡ କଟକଣା ମଧ୍ୟରେ ମୟୂରଭଞ୍ଜ ଜିଲାରେ ମା' କାଳୀଙ୍କ ପୂଜା ସମ୍ପନ୍ନ ହୋଇଛି। ବାରିପଦା ସହର ଓ ଉପକଣ୍ଠର ୧୪ଟି ପୂଜା ମଣ୍ଡପ ଓ ୪ଟି ପୀଠରେ ନିରାଡମ୍ବର ଭାବେ ପୂଜାକାର୍ଯ୍ୟ ହୋଇଛି। ଆକର୍ଷଣୀୟ ତୋରଣ କିମ୍ବା ଆଲୋକ ସାଜସଜ୍ଜା ନ ଥିବା ବେଳେ ବିନା ଭକ୍ତରେ ପୂଜା ଶେଷ ହୋଇଛି। ପ୍ରଶାସନ ପକ୍ଷରୁ ବାଣ ବିକ୍ରି ବନ୍ଦ କରାଯାଇଥିବା ବେଳେ ୨୧ଟି ସ୍ଥାନରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। । ସେହିପରି ଦୀପାବଳିରେ ଆକାଶ ଛତାରୁ ନିଆଁ ଖସି ସହରର ବଳରାମପୁର ୱାର୍ଡ ଟାଙ୍କି ସାହିର ଏକ ଚାଳଘର ପୋଡ଼ି ଯାଇଥିବା ଜଣାପଡ଼ିଛି। ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ସ୍ଥାନରେ କାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। କୁଆମରାଠାରେ ନିତ୍ୟାନନ୍ଦ ମହାନ୍ତି, ପୁରୁଣା ବାରିପଦାଠାରେ ପୂଜା କମିଟିର ସଭାପତି ଅତୁଲ କୁମାର ଚୌଧୁରୀ ଓ ସମ୍ପାଦକ ଜଗଦୀଶ ମହାପାତ୍ର ଏବଂ ବରଡିହି ପଞ୍ଚାୟତର ଗଡ଼ା ଗ୍ରାମରେ ଚକ୍ରଧର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଥୁଡ଼ି ସମ୍ପ୍ରଦାୟ ପକ୍ଷରୁ ଚାଙ୍ଗୁନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାପତି ଗଦାଧର ଖାଲପାନିଆ, ସମ୍ପାଦକ କୁଳମଣି ନାଏକ, ୱାର୍ଡସଭ୍ୟ ରାଧାକୃଷ୍ଣ ଖଣ୍ଡେଇ, ରମାକାନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ବୈଶିଙ୍ଗା ବଜାର କମିଟି ପକ୍ଷରୁ କାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଦର୍ଶନ ମହାପାତ୍ର, ସମ୍ପାଦକ ସଦାଶିବ ପାଣି, ପରିଚାଳନା କମିଟି ସଭ୍ୟ ପ୍ରଶାନ୍ତ କୁମାର ପଣ୍ଡା, ପୁଷ୍ପଜୀତ ପରିଡ଼ା, ଜୟନ୍ତ ପରିଡ଼ା, ମାନସ ଗିରି ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ବାଙ୍ଗିରିପୋଷି ବ୍ଲକର ବିଭିନ୍ନ ସ୍ଥାନରେ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। କଳାବାଡିଆ ପଞ୍ଚାୟତର ଜଗନ୍ନାଥଖୁଣ୍ଟା, ବୁଢ଼ାମାରା ରେଲେୱ ଷ୍ଟେଶନ, ଗୋଲାମୁଣ୍ଡାକଟା ପଞ୍ଚାୟତର ସିମିଳା, ଚନ୍ଦନପୁର ପଞ୍ଚାୟତର ବେଢ଼ାକୁଦର, ଭୁଆଶୁଣି, କୁସୁମବନ୍ଧରେ ନିରାଡମ୍ବରରେ ପୂଜା ଅନୁଷ୍ଠିତ ହୋଇଛି। ବାଙ୍ଗିରିପୋଷି ରେଳ ଷ୍ଟେଶନ ପୂଜା ମଣ୍ଡପ ଖାଁଖାଁ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି।

# ଏଥର ବି ଫିକା ପଡ଼ିଲା



ବାସୁଦେବପୁର ବ୍ଲକ ରୋଡ଼ ପୂଜା ମଣ୍ଡପ।

ଭଦ୍ରକ ଅଫିସ/ବାସୁଦେବପୁର/ଭଣ୍ଡାରିପୋଖରୀ,୫।୧୧(ଡି.ଏନ.ଏ.)

ପ୍ରସିଦ୍ଧ ଭଦ୍ରକ କାଳୀପୂଜା ଚଳିତବର୍ଷ ମଧ୍ୟ କରୋନା କଟକଣା ଯୋଗୁ ଫିକା ପଡ଼ିଛି। ୧୩ଟି ମଣ୍ଡପରେ ପୂଜା ପାଉଛନ୍ତି ମା' କାଳୀ। ସରକାରୀ କଟକଣା କାରଣରୁ ଚାରିପଟୁ ମଣ୍ଡପ ଆବଦ୍ଧ ହୋଇଛି। କେବଳ ୭ଜଣ ଆୟୋଜକଙ୍କୁ ନେଇ ପୂଜାର୍ଚ୍ଚନା ଚାଲିଛି। ମୁଖ୍ୟତଃ ଯାତ୍ରା, ମୀନାବଜାର ଯୋଗୁ ଜନଗହଳି ହେଉଥିବା ଚରମ୍ପା ଅଞ୍ଚଳ ଏବେ ଖାଁ ଖାଁ। ୯ ଦିନ ଧରି ଅନୁଷ୍ଠିତ ହେଉଥିବା କାଳୀପୂଜା ଏଥର ମାତ୍ର ଦୁଇଦିନ ପୂଜାର୍ଚ୍ଚନା ପରେ ଶନିବାର ମା'ଙ୍କୁ ସୀମିତ ଆୟୋଜକଙ୍କୁ ନେଇ ବାଦ୍ୟଯନ୍ତ୍ରରେ ନିର୍ଦ୍ଦିଷ୍ଟ ପୋଖରୀରେ ମେଲାଣି ଦିଆଯିବ।

ସେହିଭଳି ବାସୁଦେବପୁରରେ ୪ ମଣ୍ଡପରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇଛି। ୪ ପୂଜା କମିଟି ପକ୍ଷରୁ ସମନ୍ୱୟ ରକ୍ଷା କରାଯାଇ ଗୁରୁବାର ରାତି ପ୍ରାୟ ୧୧ଟା ୩୦ ପରେ କଳସ ବୁଡ଼ା ଯାଇଥିଲା। ବାସୁଦେବପୁର ଥାନା ପଛ ପୋଖରୀରେ ପାରମ୍ପରିକ ଘଣ୍ଟ, ଘଣ୍ଟା ବଜାଇ କଟକଣା ମଧ୍ୟରେ କଳସ ଶୋଭାଯାତ୍ରା କରାଯାଇଥିଲା। ଗୁରୁବାର ରାତି ତମାମ ବିଧି ପୂର୍ବକ ଯାଜ୍ଞିକ ପଣ୍ଡିତ ପୁରୋହିତମାନେ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ବାସୁଦେବପୁରର ସର୍ବପୁରାତନ କାଳୀ ମଣ୍ଡପରେ ଆମ କାଳୀ କମିଟି ପକ୍ଷରୁ ମା' ମୂର୍ତ୍ତିକୁ ଆକର୍ଷଣୀୟ ଭାବେ ଅଳଙ୍କାରରେ ସୁସଜ୍ଜିତ କରାଯାଇଛି। ବ୍ଲକରୋଡ଼, ହାଇସ୍କୁଲ ଛକ ଓ ତାରିଣୀ ଛକ କାଳୀ ମଣ୍ଡପରେ ମଧ ମା' ମୂର୍ତ୍ତି ସହ ପାର୍ଶ୍ୱମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଛି। କଟକଣା ଯୋଗୁ ଆଲୋକସଜ୍ଜା ଓ ତୋରଣ ନିର୍ମାଣ ଉପରେ ପୂଜା କମିଟିଗୁଡ଼ିକ ଗୁରୁତ୍ୱ ଦେଇନାହାନ୍ତି। ପୂଜା ମଣ୍ଡପରେ ଦର୍ଶକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳୁନାହିଁ। ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ କାଳୀପୂଜା ପାଳନ କରାଯାଉଛି। ଭଣ୍ଡାରିପୋଖରୀ ବଜାର ସମେତ ମଞ୍ଜୁରୀରୋଡ଼ ବଜାରଠାରେ ମା' ଶ୍ୟାମାକାଳୀଙ୍କୁ ପୂଜାର୍ଚ୍ଚନା କରାଯାଉଛି। ମଞ୍ଜୁରୀରୋଡ଼ଠାରେ ବିଦ୍ୟାଧର ରାଉତ ଘଟ ଉତ୍ତୋଳନ କରିଥିଲେ। ରଞ୍ଜନ ପତି ଓ ତ୍ରିଲୋଚନ ପଣ୍ଡା ପୂଜକ ଭାବେ ପୂଜାର୍ଚ୍ଚନା କରୁଛନ୍ତି। ମଞ୍ଜୁରୀରୋଡ଼ ବଜାର କମିଟି ସଭାପତି ପୁରେନ୍ଦ୍ର ବେହେରା ଓ ସମ୍ପାଦକ ଅକ୍ଷୟ ଜେନା ମଣ୍ଡପରେ ପୂଜାକାର୍ଯ୍ୟ ତଦାରଖ କରୁଛନ୍ତି। ସେହିପରି ନାଆଁମିଠାରେ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଓ ମଞ୍ଜୁରୀ ସ୍ଥିତ ରକ୍ଷାକାଳୀ ମନ୍ଦିରରେ ମା'ଙ୍କୁ ଆରାଧନା କରାଯାଉଛି।

# ମହାକାଳୀ ବେଶରେ ମା' ଭଦ୍ରକାଳୀ



ଭଦ୍ରକ ଅଫିସ,୫।୧୧

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ଦ୍ୱିତୀୟ ଦିନ ଶୁକ୍ରବାର ମା' ମହାକାଳୀ ବେଶରେ ଦର୍ଶନ ଦେଇଥିଲେ। ମା' ଭଦ୍ରକାଳୀ ଏହି ବେଶରେ ନାଲି ପାଟ ବସ୍ତ୍ର ପରିଧାନ କରିଥିବା ବେଳେ ମୁଖମଣ୍ଡଳ ଥିଲା ଶ୍ୟାମଳ ବର୍ଣ୍ଣ। ମୁକ୍ତ କେଶ, ରକ୍ତ ଜିହ୍ୱା, ହାତରେ ଖଡ୍‌ଗ ଓ ତ୍ରିଶୂଳ ଧାରଣ କରି ମୁଣ୍ଡମାଳରେ ମା' ସାଜିଥିଲେ ଉଗ୍ରରୂପ। ମା' ଭଦ୍ରକାଳୀ ପରମ ବୈଷ୍ଣବୀ ଓ ଜଗତ କଲ୍ୟାଣକାରୀ। କୋଳରେ ବାଳଗୋପାଳଙ୍କ ବିଗ୍ରହକୁ ଧାରଣ କରି ସ୍ନେହମୟୀ ଓ ମଙ୍ଗଳମୟୀର ପରିଚୟ ଦେଇଛନ୍ତି। ପ୍ରଥମ ଦିନ ଅର୍ଥାତ୍ ଗୁରୁବାର ଦୀପାବଳିରେ ମା' ବେଦମାତା ବେଶରେ ଦର୍ଶନ ଦେଇଥିଲେ। କରୋନା କଟକଣା ଅନୁସାରେ ଭକ୍ତମାନେ ଶହେ ମିଟର ଦୂରରୁ ମାଙ୍କୁ ଦର୍ଶନ କରିଥିଲେ।

# ଚଞ୍ଚଳାଙ୍କ କୁଡିଆରେ ଦୀପ ଜାଳିଲେ ପର୍ଯ୍ୟଟନ ମନ୍ତ୍ରୀ



ଚଞ୍ଚଳାଙ୍କ ଘରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ।

ଖଇରା, ୫।୧୧(ଡି.ଏନ.ଏ.)

ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଚଳିତବର୍ଷର ଦୀପାବଳିକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ଗ୍ରାମର ଅଭାବୀ ଅସହାୟ ଚଞ୍ଚଳା ଦେଉରୀଙ୍କୁ ଭେଟି ଦୀପ ଜାଳିଛନ୍ତି। ମନ୍ତ୍ରୀ ୭ବର୍ଷ ଧରି ପ୍ରତ୍ୟେକ ବର୍ଷ ଜଣେ ଜଣେ ଗରିବ ପରିବାରକୁ ଯାଇ ଦୀପାବଳି ପାଳନ କରୁଥିବା ବେଳେ ଚଳିତବର୍ଷ ଚଞ୍ଚଳାଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କୁ ଉତ୍ତରୀୟ ପ୍ରଦାନ କରିବା ପରେ ମିଠା ଖୁଆଇବା, ଆର୍ଥିକ ସହାୟତା ପରେ ଦୀପ ପ୍ରଜ୍ୱଳନ କରି ଚଞ୍ଚଳାଙ୍କ ଶୁଭ ମନାସୀଥିଲେ। ଚଞ୍ଚଳା ଆନନ୍ଦିତ ହୋଇ ମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଇଥିଲେ। ଗ୍ରାମବାସୀ ମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ବିଜେଡି ନେତା ନିରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାନ୍ତି, ମୁରଲୀଧର ପାଣିଗ୍ରାହୀ, ଗୋପାଳ ଦାସ, ମଦନମୋହନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ । ଜଣେ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ମାନସିକ ଶାରିରୀକ ସ୍ତରରେ ସହଯୋଗ ଲାଗି ତାଙ୍କର ଏହି ପ୍ରୟାସ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ୬୫ବର୍ଷୀୟ ବୃଦ୍ଧା ଚଞ୍ଚଳାଙ୍କର ୧୨ବର୍ଷ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ନିଜର ଦିବ୍ୟାଙ୍ଗ ଝିଅଙ୍କ ସହ ଝାଟିମାଟି ଘରେ ରହୁଛନ୍ତି।

# ୪୬ ବର୍ଷରେ ଯୋଡ଼ା ସାର୍ବଜନୀନ କାଳୀପୂଜା

ଯୋଡ଼ା,୫।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରରେ ହେଉଥିବା କାଳୀପୂଜା ଚଳିତ ବର୍ଷ ୪୬ ବର୍ଷରେ ପଦାର୍ପଣ କରିଛି। ବସ୍‌ଷ୍ଟାଣ୍ଡସ୍ଥିତ ସାର୍ବଜନୀନ ପୂଜା ମଣ୍ଡପରେ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ଗୁରୁବାର ରାତିରୁ ପୂଜା ଆରମ୍ଭ ହୋଇଛି। ୧୯୭୫ରେ ଯୋଡ଼ାର ବଂଶୀଧର ତ୍ରିପାଠୀ, ଗୋପୀନାଥ ମହାନ୍ତି, ମାଧବାନନ୍ଦ ଜେନା,ହେମନ୍ତ ତ୍ରିପାଠୀ ପ୍ରମୁଖ ଏହି ପୂଜା ଆରମ୍ଭ କରିଥିଲେ। ଚଳିତ ବର୍ଷ କରୋନା କଟକଣା ଯୋଗୁ ନିରାଡ଼ମ୍ବର ଭାବେ ପୂଜା ପାଳିତ ହେଉଛି। ମୁଖ୍ୟ ପୂଜକ ପଣ୍ଡିତ ସୁରେନ୍ଦ୍ରନାଥ ଦାସ ଓ ବଳରାମ ମହାପାତ୍ର ପୂଜା କରୁଛନ୍ତି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା



ମଣ୍ଡପରେ ମା'ଙ୍କୁ ପୂଜାର୍ଚ୍ଚନା।

କରାଯାଇଛି। ଚଳିତ ବର୍ଷ କୌଣସି ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଉ ନାହିଁ ବୋଲି ପୂଜା କମିଟିର ସଭାପତି ଶିରିଶ ଚନ୍ଦ୍ର ମହାନ୍ତ,ସମ୍ପାଦକ ବିନୋଦ ପଟ୍ଟନାୟକ, କୋଷାଧକ୍ଷ କଳାକର ଶାହା ଓ ପ୍ରଭାକର ରାଉତ ପ୍ରମୁଖ କହିଛନ୍ତି।

# ମଣ୍ଡପରେ ପୂଜା ପାଉଛନ୍ତି ମା' କାଳୀ

ପାଟଣା, ୫।୧୧ (ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଓ ତୁରୁମୁଙ୍ଗା ବଜାରରେ ବଣିକ ସଂଘ ପକ୍ଷରୁ ଗୁରୁବାର ରାତିରୁ ଆରମ୍ଭ ହୋଇଛି ଶ୍ୟାମା କାଳୀ ପୂଜା। ପାଟଣା ବଣିକ ସଂଘ ପକ୍ଷରୁ ଆୟୋଜିତ କାଳୀ ପୂଜାରେ କର୍ତ୍ତା ଭାବେ ଅଜୟ ଭଞ୍ଜ ପୂଜା କରିଥିବା ବେଳେ ପୂଜକ ରବୀନ୍ଦ୍ର ପାଣି ଓ ସମୀର ଆଚାର୍ଯ୍ୟ ଦେବନୀତି ସମ୍ପନ୍ନ କରିଥିଲେ। ୬ ଦିନ ଧରି ହେବାକୁ ଥିବା ଏହି ପୂଜାରେ ସଂଘ ସଭାପତି ବୁଲୁ ଭଞ୍ଜଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି ହେଉଛି। ଅନୁରୂପ ଭାବେ ତୁରୁମୁଙ୍ଗା ବଣିକ ସଂଘ ପକ୍ଷରୁ ଆୟୋଜିତ ପୂଜାରେ ପୂଜକ ଭାବେ ଦିବ୍ୟରଞ୍ଜନ ମିଶ୍ର, ରଜନୀକାନ୍ତ ମିଶ୍ର ଓ ଧରମାନନ୍ଦ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ସଭାପତି ତାପସ ସାହୁ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

# ନାବାଳିକାଙ୍କୁ ଅପହରଣ ଉଦ୍ୟମ ବେଳେ ଧରିଲେ ଲୋକେ

ଆନନ୍ଦପୁର,୫।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ କାଠକଟା ଅଞ୍ଚଳରେ ଗୁରୁବାର ଜଣେ ନାବାଳିକାଙ୍କୁ ଅପହରଣ ଉଦ୍ୟମ ବେଳେ ଅପହରଣକାରୀଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ନାବାଳିକାଙ୍କ ମା' ବାପା ଶୁକ୍ରବାର ଆନନ୍ଦପୁର ଥାନା ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୋଲିସ ମାମଲା (ନଂ.୨୩୨/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଘସିପୁରା ଥାନା ବାରିଗାଁ ଅଞ୍ଚଳର ଅଭିଯୁକ୍ତ ଯୁବକ ନାବାଳିକାଙ୍କ ଗ୍ରାମକୁ ଯାଇ ତାଙ୍କ ପ୍ରତି ଅଶାଳୀନ ବ୍ୟବହାର କରିଆସୁଥିଲେ। ଗୁରୁବାର ସେ ଏକ ଟାଟାମ୍ୟାଜିକରେ ଯାଇ ନାବାଳିକାଙ୍କୁ ଅପହରଣ ଉଦ୍ୟମ କରୁଥିଲେ। ନାବାଳିକାଙ୍କ ପାଟି ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ।

# ଭଜନ ସମ୍ରାଟଙ୍କ ସ୍ମୃତିରେ ଭଜନ ସନ୍ଧ୍ୟା

ସିମୁଳିଆ, ୫।୧୧(ଡି.ଏନ.ଏ.)

ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ସିମୁଳିଆ ମେଡିକାଲ ନିକଟରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମାର୍କୋଣା ଭିକାରୀ ବଳ ସ୍ମୃତି ପରିଷଦ ଦ୍ୱାରା ଅନୁଷ୍ଠିତ ଉତ୍ସବକୁ ଆଧାତ୍ମିକବାଦୀ ଘନଶ୍ୟାମ ସାହୁ ଉଦ୍‌ଘାଟନ କରିବା ସହିତ ମଞ୍ଚ ସଞ୍ଚାଳନା କରିଥିଲେ। ଅନୁଷ୍ଠାନ ମୁଖ୍ୟ ସତ୍ୟବ୍ରତ ପଟ୍ଟନାୟକଙ୍କ ସମେତ ବିଭିନ୍ନ କଳାକାର ଭଜନ ସମ୍ରାଟଙ୍କ ବିଭିନ୍ନ ଭଜନ ସମେତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ଅନ୍ୟ କଳାକାରଙ୍କ ମଧ୍ୟରେ ଶଶୀକାନ୍ତ ବେହେରା, ରବୀନ୍ଦ୍ର ଜେନା, ଶୁଭଦତ୍ତ ପାଢ଼ୀ, ଘନଶ୍ୟାମ ସାହୁ, ବିଷ୍ଣୁପ୍ରିୟା ସାହୁ, ଉଷାରାଣୀ ବାରିକ ଓ ପର୍ଶୁରାମ ବେହେରା ପ୍ରମୁଖ ଥିଲେ। ଏହି ଉତ୍ସବ ପାଇଁ ମାର୍କୋଣାର ବ୍ୟବସାୟୀ ସଞ୍ଜୟ ନାରାୟଣ ପାଣିଗ୍ରାହୀ, ରତିକାନ୍ତ ମିଶ୍ରଙ୍କ ସମେତ ଅନ୍ୟମାନେ ସହଯୋଗୀ ଥିଲେ। ଭଜନ ମାଧ୍ୟମରେ ଭଜନ ସମ୍ରାଟଙ୍କୁ ଜନସାଧାରଣଙ୍କ ସ୍ମୃତିରେ ରଖିବାକୁ ସାଧାରଣରେ ପ୍ରଶଂସା କରାଯାଇଛି। ଗତ ୨୦୧୧ରୁ ସ୍ମୃତି ପରିଷଦ ଦ୍ୱାରା ଏହି ଉତ୍ସବ ଅନୁଷ୍ଠିତ ହେଉଛି ।



ମାର୍କୋଣା ମେଡିକାଲ ନିକଟରେ ଅନୁଷ୍ଠିତ ଭଜନ ସନ୍ଧ୍ୟା ।

# ସ୍ୱାସ୍ଥ୍ୟକେନ୍ଦ୍ର ପୁନରୁଦ୍ଧାର, ସରକାରୀକରଣ ଦାବିରେ ରାସ୍ତାରୋକୋ

ସଜନାଗଡ଼, ୫।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ଥିବାରୁ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରର ପୁନରୁଦ୍ଧାର ସହ ସରକାରୀକରଣ ଦାବି ନେଇ ଆନ୍ଦୋଳନକୁ ଜୋରଦାର କରିଛନ୍ତି।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୭/୮ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ସରକାରୀକରଣ ପାଇଁ ମିତ୍ରପୁର ସ୍ୱାସ୍ଥ୍ୟସେବା କେନ୍ଦ୍ରର ପରିଚାଳନା ପରିଷଦର ସଦସ୍ୟମାନେ ବହୁବାର ଲିଖିତ ଭାବେ ଜଣାଇଲା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର ସକାଳୁ ରାସ୍ତାରୋକୋ କରାଯାଇ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ସମର୍ଥନ ଜଣାଇ ରାସ୍ତାରୋକୋରେ



ରାସ୍ତାରୋକୋ ସମୟରେ ଅଧିକାରୀଙ୍କ ସହ ଆନ୍ଦୋଳନକାରୀମାନେ ଆଲୋଚନା କରୁଛନ୍ତି।

ସାମିଲ ହୋଇଥିଲେ। ଆବାହକ ନିରଞ୍ଜନ ଲେଙ୍କା, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବ୍ଲକ କଂଗ୍ରେସ ସଭାପତି ମନୋରଞ୍ଜନ ପଣ୍ଡା, ଶିଳ୍ପପତି ସୁଧାସିନ୍ଧୁ ପଣ୍ଡା, ଗତିକୃଷ୍ଣ ନନ୍ଦ, ଗଙ୍ଗାଧର ମିଶ୍ର, ଅଗଣି ସାହୁ, ବିଜୟ ଆଚାର୍ଯ୍ୟ ପ୍ରମୁଖଙ୍କ ସହ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ ପହଞ୍ଚି ଆଲୋଚନା କରିଥିଲେ। ଆସନ୍ତା ୨ମାସ ମଧ୍ୟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସରକାରୀକରଣ ହୋଇଯିବାର ସମସ୍ତ ନଥିପତ୍ର ଶେଷ ହୋଇଥିବା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

